ସମ୍ପାଦକୀୟ
24 YEARS
ସମ୍ବାଦ କଳିକା

ଅସନ୍ତୁଳନ ପରିବେଶ

ଆଶ୍ଚର୍ଯ୍ୟ ମନେ ହେଉଥିଲେ ମଧ୍ୟ ଏହା ସତ । ପୃଥିବୀର ଅନେକ ରାଷ୍ଟ୍ର ଆଉକିଛି ବର୍ଷ ପରେ ନିଜ ସ୍ଥିତିରୁ ହଜିଯିବେ । ଅର୍ଥାତ୍ ଏହି ରାଷ୍ଟ୍ର ଗୁଡିକୁ କିଛିବର୍ଷ ପରେ ଖୋଜିଲେ ମଧ୍ୟ ମିଳିବେ ନାହିଁ । ଯେପରି ପୃଥିବୀ ପୃଷ୍ଠରୁ ଅନେକ ଜୀବଜନ୍ତୁ ଲୋପ ପାଇଲେଣି ଠିକ୍ ସେହିଭଳି କେତେକ ରାଷ୍ଟ୍ର ଲୋପ ହେବାକୁ ଯାଉଛନ୍ତି । ଏହାର ମୁଖ୍ୟ କାରଣ ହେଉଛି ପରିବେଶ ଅସନ୍ତୁଳନ । ଯେଭଳି ଭାବେ ଗ୍ଲୋବାଲ୍ ୱାର୍ମିଂ ବଢିବାରେ ଲାଗିଛି ସେଥିରୁ ସ୍ପଷ୍ଟ ହେଉଛି ଯେ ମାଳଦ୍ୱୀପ ଭଳି ରାଷ୍ଟ୍ରକୁ ଆଉ ପୃଥିବୀ ପୃଷ୍ଠରେ ଖୋଜିଲେ ମିଳିବ ନାହିଁ ବରଂ ଏହା ସମୁଦ୍ର ଭିତରେ ସବୁଦିନ ପାଇଁ ଲୀନ ହୋଇଯିବ । ମାଳଦ୍ୱୀପ ପୃଥିବୀର ସବୁଠାରୁ ସୁନ୍ଦର ରାଷ୍ଟ୍ର ମଧ୍ୟରେ ଅନ୍ତର୍ଭୁକ୍ତ । ପ୍ରତିବର୍ଷ ସମଗ୍ର ବିଶ୍ୱରୁ ଲକ୍ଷ ଲକ୍ଷ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି । ପ୍ରାୟ ୧୨ଶହ ଦ୍ୱୀପକୁ ନେଇ ଗଠିତ ଏହି ରାଷ୍ଟ୍ର ଭାରତର ଦକ୍ଷିଣରେ ୫୯୫ କିଲୋମିଟର ଦୂରରେ ଅବସ୍ଥିତ । ଏଠାର ପ୍ରତ୍ୟେକ ଦ୍ୱୀପରେ ବହୁ ବଡ଼ ବଡ଼ ହୋଟେଲ ରହିଛି । କୌଣସି ପର୍ଯ୍ୟଟକ ମାତ୍ର ୪୦ ଡଲାର ବ୍ୟୟ କରି ଅନେକ ସୁବିଧା ସୁଯୋଗ ପାଇପାରୁଛନ୍ତି । କହିବାକୁ ଗଲେ ମାତ୍ର କେଇମିନିଟ୍‌ରେ ବିଶ୍ୱର ସମସ୍ତସେବା ଏଠାରେ ପହଞ୍ଚି ପାରୁଛି । କିନ୍ତୁ ଏସବୁ ସତ୍ତ୍ୱେ ମାଳଦ୍ୱୀପ ପୃଥିବୀର ମାନଚିତ୍ରରୁ ଉଭାନ୍ ହେବାର ବିପଦ ଦିନୁଁଦିନ ବଢିବାରେ ଲାଗିଛି । ମାଳଦ୍ୱୀପ ଦକ୍ଷିଣ ଏସିଆର ଏଭଳି ଏକ ରାଷ୍ଟ୍ର ଯେଉଁଠାରେ କି ଜଳବାୟୁ ପରିବର୍ତ୍ତନ ଯୋଗୁ ସବୁଠାରୁ ଅଧିକ ବିପଦ ସୃଷ୍ଟି ହୋଇଛି । ଯାହାକି ପରିବେଶ୍‌ବିତ୍ ମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଲାଣି । ଏହି ଜଳବାୟୁ ପରିବର୍ତ୍ତନ ଯୋଗୁ ବିଶ୍ୱର ସେହି ସହର ଗୁଡିକ ଉପରେ ବିପଦ ବଢିବାରେ ଲାଗିଛି, ଯେଉଁ ଗୁଡିକ କି ସମୁଦ୍ର କୂଳରେ ଅବସ୍ଥିତ । ଏଗୁଡିକ ମଧ୍ୟରେ ମିଆଁମି, ଆମ୍‌ଷ୍ଟରଡମ୍ ଓ ସାଂଘାଇ ଭଳି ସହର ଅନ୍ତର୍ଭୁକ୍ତ । ଏହାଛଡା ୬ରୁ ୧୦ଟି ଦ୍ୱୀପସମୂହ ରାଷ୍ଟ୍ରର ଅସ୍ଥିତ୍ୱ ମଧ୍ୟ ଜଳବାୟୁ ପରିବର୍ତ୍ତନ ଯୋଗୁ ପୃଥିବୀ ପୃଷ୍ଠରୁ ଲୋପ ପାଇବ । ଯଦିଓ କେତେକ ପରିବେଶବିତ୍ ଏ ନେଇ ଭିନ୍ନ ମତ ପ୍ରଦାନ କରିଛନ୍ତି କିନ୍ତୁ ଏହା ସ୍ଥାନୀୟ ଜନସାଧାରଣଙ୍କ ମନରେ ଥିବା ଭୟକୁ ଦୂର କରିପାରି ନାହିଁ । ଏହି ଗବେଷକମାନେ କହିଛନ୍ତି ଯେ, ସମୁଦ୍ରର ଜଳସ୍ତର ବୃଦ୍ଧିପାଇବା ସତ୍ତ୍ୱେ କେତେକ ଉପଦ୍ୱୀପ ସମ୍ପୂର୍ଣ୍ଣ ରୂପେ ଲୋପ ପାଇବ ନାହିଁ । କିନ୍ତୁ କେତେକ ବୈଜ୍ଞାନିକଙ୍କ ମତରେ ଯେତେ ଉଦ୍ୟମ କଲେ ମଧ୍ୟ କେତେକ ରାଷ୍ଟ୍ରର ଅସ୍ତିତ୍ୱକୁ ସୁରକ୍ଷା ପହଞ୍ଚାଇବା ସମ୍ଭବପର ନୁହେଁ । ଏହା କେବଳ ସମ୍ଭବ ହେବ ସମୁଦ୍ରରେ ଜଳସ୍ତରର ବୃଦ୍ଧିଯୋଗୁ । ଯଦି ସମୁଦ୍ର ଜଳସ୍ତର ଦୁଇଫୁଟ୍ ବଢେ ତେବେ ଏଭଳି ବିପଦ ନିଶ୍ଚିତ ବୋଲି କୁହାଯାଉଛି । ପେନ୍‌ସିଲ୍ ଭାନିଆ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠିତ ମହାକାଶ ବିଜ୍ଞାନୀ ମାଇକେଲ ମେନ୍‌ଙ୍କ ମତରେ ସମୁଦ୍ର ତଳ ଭାଗରେ ରହିଥିବା ରାଷ୍ଟ୍ରଗୁଡିକୁ ବୁଡିବାରୁ ବଞ୍ଚାଇବା ସମ୍ଭବପର ନୁହେଁ । ଯଦି ଆମେ ମଣିଷକୃତ ତାପମାନକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ବୃଦ୍ଧି କରିବାରେ ସଫଳ ହେବା ତେବେ ବୁଡିବାକୁ ଥିବା ଅଧିକାଂଶ ରାଷ୍ଟ୍ରକୁ ସୁରକ୍ଷା ମିଳିପାରିବ । ଅଧିକ ବିକଶିତ ରାଷ୍ଟ୍ର ଓ ଅନ୍ୟାନ୍ୟ ଅଞ୍ଚଳରେ ତାପମାତ୍ରା ୨ରୁ ୩ଡିଗ୍ରୀ ପର୍ଯ୍ୟନ୍ତ ଅଧିକ ରହିବ । କିନ୍ତୁ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଯଦି କୌଣସି ରାଷ୍ଟ୍ର ସମୁଦ୍ର ଗର୍ଭରେ ଲୀନ ହୋଇଯିବ ତେବେ ହେବ କ'ଣ ? କାରଣ ଏଭଳି କେବେ ହୋଇନାହିଁ । ଯେପରି କି କୌଣସି ରାଷ୍ଟ୍ରର ଅସ୍ତିତ୍ୱ ସବୁଦିନ ପାଇଁ ଲୋପ ପାଇଛି । ବର୍ତ୍ତମାନ ସୁଦ୍ଧା ଏଭଳି ସ୍ଥିତି ଦେଖାଯାଇ ନଥିଲେ ମଧ୍ୟ ସେତେବେଳେ ସମଗ୍ର ଦେଶର ଜନସଂଖ୍ୟା ନିକଟରେ କୌଣସି ଉପାୟ ରହିବ ନାହିଁ । ନା ଆଇନ୍‌ଗତ ନା ସାଂସ୍କୃତିକ ନା ଆର୍ଥିକ । କଲମ୍ବିଆ ଲ'ସ୍କୁଲର ସାବିନ୍ ସେଣ୍ଟର ଫର୍ କ୍ଲାଇମେଟ୍ ଚେଞ୍ଜର ନିର୍ଦ୍ଦେଶକ ମାଇକେଲ ଗେରାର୍ଡ ସ୍ୱୀକାର କରିଛନ୍ତି ଯେ ସେତେବେଳେ ଏକ ନୂତନ ଅନ୍ତରାଷ୍ଟ୍ରୀୟ ନାଗରିକତାର ପର୍ଯ୍ୟାୟ ଆରମ୍ଭ ହେବ । ଯଦିଓ ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ଏଭଳି କୌଣସି ବିପଦ ନାହିଁ କିନ୍ତୁ ନିଶ୍ଚିତ ରୂପେ କହିବାକୁ ହେବ ଯେ ଏହି ବିପଦ ଦିନେନା ଦିନେ ଆସିବ । ଏଭଳି ହେଲେ ଅନେକ ପ୍ରଶ୍ନ ଉଠୁଛି । ସେତେବେଳେ କ'ଣ ହେବ? ଯେତେବେଳେ କି ଏକ ଦେଶ ସମୁଦ୍ରରେ ଲୀନ ହୋଇଯିବ । ତା' ହେଲେ କ'ଣ ସମ୍ପୃକ୍ତ ରାଷ୍ଟ୍ରର ଜାତିସଂଘ ସଦସ୍ୟତା ଲୋପ ପାଇଯିବ ? କ'ଣ ସେଗୁଡିକୁ ସ୍ୱତନ୍ତ୍ର ଆର୍ଥିକ କ୍ଷେତ୍ର ଘୋଷଣା କରାଯିବ ନା ପୁଣି ମତ୍ସ୍ୟପାଳନ ଓ ଖଣିଜ ସାମଗ୍ରୀ ଖନନ ପାଇଁ ସେମାନଙ୍କୁ ଏହି ଅଞ୍ଚଳର ଜଳ ଅଧିକାର ମିଳିବ? ହେଲେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଲୋକେ ଯିବେ କୁଆଡେ? ସେମାନଙ୍କ ନାଗରିକତା କ'ଣ ହେବ? କ'ଣ ଗ୍ରୀନ୍ ଗ୍ୟାସ୍ ଉତ୍ସର୍ଜନ କରୁଥିବା ଲୋକେ ଓ ଦେଶ ବିରୁଦ୍ଧରେ ସେମାନେ କୌଣସି ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଅଧିକାର ପାଇବେ? ଏସବୁ ପ୍ରଶ୍ନ ପରସ୍ପର ସହିତ ଜଡିତ ଓ ଏହାର ସମାଧାନ ମଧ୍ୟ ଜଟିଳ । ଯଦି ଦ୍ୱୀପ ରାଷ୍ଟ୍ରଗୁଡିକ ବିଲୋପ ହେବା ଆରମ୍ଭ ହୁଏ ତେବେ ସମଗ୍ର ବିଶ୍ୱରେ ସଙ୍କଟ ସ୍ଥିତି ସୃଷ୍ଟିହେବ । ବାଂଲାଦେଶ, ନୀଲ୍ ଡେଲ୍‌ଟା, ମେକାଙ୍ଗ୍ ଡେଲ୍‌ଟା ସମେତ ଅନେକ ସ୍ଥାନରେ ମଧ୍ୟ ବିସ୍ଥାପନ ସମସ୍ୟା ଦେଖିବାକୁ ମିଳିବ । ଗେରାର୍ଡ ଆଶଙ୍କା କରିଛନ୍ତି ଯେ ସିରିଆ ଓ ଆଫ୍ରିକାର ସାମ୍ପ୍ରତିକ ସ୍ଥିତିରେ ଯେଭଳି ହଜାର ହଜାର ଲୋକ ରାଜନୀତିକ ଓ ଆର୍ଥିକ ଭାବେ ବିସ୍ଥାପନ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ତାହାଠାରୁ ମଧ୍ୟ ଅଧିକ ବିପଦ୍‌ଜନକ ସମସ୍ୟା ସୃଷ୍ଟିହେବ । ଗେରାର୍ଡଙ୍କ ଅନୁଯାୟୀ ଏହି ସଙ୍କଟ ୮୫ ବର୍ଷ ପରେ ସମସ୍ତଙ୍କ ସମ୍ମୁଖରେ ଦେଖାଦେବ । ସମ୍ପ୍ରତି ପରିବେଶ ଯୋଗୁ ବିସ୍ଥାପନର ସମ୍ମୁଖୀନ ହେଉଥିବା ଲୋକଙ୍କ ସମସ୍ୟା ପାଇଁ କୌଣସି ପ୍ରକାର ଅନ୍ତରାଷ୍ଟ୍ରୀୟ ଚୁକ୍ତି ନାହିଁ । ନଭେମ୍ବର ୨୦୧୪ରେ ନ୍ୟୁଜ୍‌ଲାଣ୍ଡର ଏକ ଅଦାଲତର ବିଚାରପତି କିରିବାଟୀ ନାଗରିକଙ୍କୁ ପରିବେଶ ଆଧାରରେ ଶରଣାର୍ଥୀ ମାନ୍ୟତା ଦେବାପାଇଁ ଅଗ୍ରାହ୍ୟ କରିଥିଲେ । ବିଗତ ଦୁଇଦଶକ ହେଲା ଅଷ୍ଟ୍ରେଲିଆ ଓ ନ୍ୟୁଜଲାଣ୍ଡରେ ଅତିକମ୍‌ରେ ଏହିଭଳି ୨୦ରୁ ଉର୍ଦ୍ଧ୍ୱ ମାମଲା ସମ୍ମୁଖକୁ ଆସିଛି । ଏମିତି ବି ଯେତେବେଳେ ଜାତିସଂଘ ଏହିଦେଶର ପରିଚୟକୁ ମାନ୍ୟତା ଦେଉଥିବ ତା'ର ଦୁଇ ଅକ୍ଷର ବିଶିଷ୍ଟ କୋର୍ଡର ବ୍ୟବହାର ହେଉଥିବ, ଅନ୍ତରାଷ୍ଟ୍ରୀୟ ବ୍ୟାଙ୍କିଂ ଓ ପାସ୍‌ପୋର୍ଟର ଚିହ୍ନଟ କାମ ଜାରୀ ରହିଥିବ । ବେସରକାରୀ ସଂସ୍ଥା ଆଇକେନ୍‌ର ଟେକ୍ନିକାଲ ସେବାର ନିର୍ଦ୍ଦେଶକ କିମ୍ ଡେଭିସ୍‌ଙ୍କ ମତରେ 'ଯେତେବେଳେ କୌଣସି ରାଷ୍ଟ୍ରର ଭୂ-ଭାଗ ଉଭାନ ହୋଇଯିବ ସେତେବେଳେ ଏହି ନୂତନ ସ୍ଥିତି ହେବ, କିନ୍ତୁ ଏହାର ଅର୍ଥ ନୁହେଁ ଯେ ଏହାର ମୁକାବିଲା କରାଯାଇ ପାରିବ ନାହିଁ ! ଜାତିସଂଘର ତାଲିକାରେ ରହିଥିବା ଯୋଗୁ ସେମାନଙ୍କ ପରିଚୟ ମଧ୍ୟ ଅଛି ।' ପ୍ରଶାନ୍ତ ମହାସାଗରରେ ପ୍ରାୟ ୩୪ ଲକ୍ଷ କିଲୋମିଟର ଅଞ୍ଚଳରେ ରହିଥିବା ଦ୍ୱୀପ ରାଷ୍ଟ୍ର କିରିବାଟୀର ଜନସାଧାରଣଙ୍କୁ ଜଣାଅଛି ଯେ ସେମାନଙ୍କ ସହିତ ଭବିଷ୍ୟତରେ କ'ଣ ହେବ । କିରିବାଟୀ ଗଣରାଜ୍ୟର ପ୍ରବକ୍ତା ରିମୋନ୍ ରିମୋନ୍‌ଙ୍କ ମତରେ ବିଜ୍ଞାନ ଦୃଷ୍ଟିକୋଣରୁ ଏହାସ୍ପଷ୍ଟ ଯେ ଯଦି ଅନ୍ୟରାଷ୍ଟ୍ର କାର୍ବନ ଗ୍ୟାସ୍ ଉତ୍ସର୍ଜନ ସମ୍ପୂର୍ଣ୍ଣ ହ୍ରାସ କରିବେ ତେବେ ମଧ୍ୟ ୩୦ରୁ ୩୫ ବର୍ଷ ଭିତରେ କିରିବାଟୀ ସମୁଦ୍ର ଗର୍ଭରେ ଲୋପ ପାଇବା ସ୍ଥିର । ଏହି କାରଣକୁ ନେଇ କିରିବାଟୀର ରାଷ୍ଟ୍ରପତି ଏନୋପେ ଟାଙ୍ଗ୍ ଡିଗ୍‌ନିଟି ସହିତ ମାଇଗ୍ରେସନ୍ କନ୍‌ସେପ୍ଟ ଆରମ୍ଭ କରିଛନ୍ତି । ଏହି କନ୍‌ସେପ୍ଟ ଅନୁଯାୟୀ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ହାସଲ କରିବା ଉପରେ କିରିବାଟୀର ଜନସାଧାରଣଙ୍କୁ ଅଷ୍ଟ୍ରେଲିଆ ଓ ନ୍ୟୁଜ୍‌ଲାଣ୍ଡରେ ରହିବା ପାଇଁ ସ୍ୱୀକୃତି ମିଳୁଛି । ପରେ ସେମାନେ ସମ୍ପୂର୍ଣ୍ଣ ରୂପେ ମାଇଗ୍ରେଟେଡ୍ ହୋଇ ପାରିବେ । ଖୋଦ୍ ରାଷ୍ଟ୍ରପତି ମଧ୍ୟ ଏହି ଦୃଷ୍ଟିକୋଣକୁ ରଖି ଫିଜି ଦ୍ୱୀପରେ ରହିବା ପାଇଁ ଜମି କ୍ରୟ କରିଛନ୍ତି । ଏହା ସହଜ କଥା ନୁହେଁ । ଏଭଳି ଜଟିଳ ପ୍ରସଙ୍ଗକୁ ନେଇ ଆନ୍ତର୍ଜାତିକ ସ୍ତରରେ ଆଲୋଚନା ଜାରୀ ରହିଥିଲେ ମଧ୍ୟ ସମାଧାନର କିଛି ବିକଳ୍ପ ଉପାୟ ମଧ୍ୟ ନାହିଁ । ବର୍ତ୍ତମାନ ଠାରୁ ଆମକୁ ପ୍ରତିଟି ମୁହୂର୍ତ୍ତରେ ମନୁଷ୍ୟକୃତ କାରଣ ପାଇଁ ବିନାଶର ସମ୍ମୁଖୀନ ହେବାକୁ ପଡୁଛି । ଭବିଷ୍ୟତର ପୃଥିବୀ କଥା ଚିନ୍ତାକଲେ ବେଳେ ବେଳେ ଲୋମ ଟାଙ୍କୁରି ଉଠୁଛି । ସତରେ କ'ଣ ଏହିଭଳି ଧିରେ ଧିରେ ଗୋଟିଏ ପରେ ଗୋଟିଏ ଗୋଟିଏ ରାଷ୍ଟ୍ର ସମୁଦ୍ର ଗର୍ଭରେ ଲୀନ ହୋଇଯିବେ ?

କପାଳେ ଥିଲେ ଗୋପାଳ ଦେବେ

ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର,
କେନ୍ଦ୍ରାପଡ଼ା
ମୋ: ୯୪୩୭୦୮୮୦୩୯

> ପ୍ରାକ୍ ସ୍ୱାଧୀନତା କାଳ। ପୁଅଟେ ପାଇଁ ସମସ୍ତଙ୍କର ବ୍ୟାକୁଳତା। ପୁଅ ଇଂରାଜୀ ପଢ଼ିବ, ବଡ଼ ଚାକିରୀ କରିବ, କୁଳ ଉଜ୍ଜ୍ୱଳ ହେବ। ସୁରେନ୍ଦ୍ରଙ୍କ ବାପା ପାଠୁଆ। ଡାକ୍ତରଖାନାରେ ଚାକିରୀ। ତାଙ୍କର ଇଚ୍ଛା ପୁଅ ଡାକ୍ତର ହେବ। ସେ ଦିଗରେ ସେ ମନ ବଳାଇଲେ। ଯାହା ପଦକ୍ଷେପ ନେବା କଥା ନେଲେ। ହେଲେ ସୁରେନ୍ଦ୍ରଙ୍କ ମତି-ଗତି ପୂରା ଅଲଗା। ପ୍ରଚଳିତ ଶିକ୍ଷାଦାନ ପଦ୍ଧତି। ଏହାର ସେ ଘୋର ବିରୋଧୀ। ସାଲେପୁର ହାଇସ୍କୁଲ୍‌ର କଥା, ବାପା ତାଙ୍କୁ କଡ଼ା ତତ୍ତ୍ୱାବଧାନରେ ରଖିଲେ। ଫଳ କିଛି ହେଲାନି। ସୁରେନ୍ଦ୍ର ଅବାଟରେ ଗଲେ। ସ୍କୁଲ୍‌ର ପ୍ରଧାନ ଶିକ୍ଷକ ମନମୋହନ ଘୋଷ। ତାଙ୍କର ଗୋଟେ 'ଲଙ୍ଗ୍‌ଷ୍ଟିକ୍' ଆରଟି 'ଶର୍ଟଷ୍ଟିକ୍'। ଏ ଦୁଇଦଣ୍ଡର ଆତଙ୍କ। ସୁରେନ୍ଦ୍ର କିନ୍ତୁ ନିୟନ୍ତ୍ରଣ ବାହାରେ। ଦିନେ ପ୍ରଧାନଶିକ୍ଷକ ତାଙ୍କ ବାପାଙ୍କୁ ଡକାଇଲେ। ସୁରେନ୍ଦ୍ରଙ୍କ କୀର୍ତ୍ତି ବଖାଣିଲେ – ପିଲାଟି ବୁଦ୍ଧିମାନ୍, ଭଲ ପଢୁଛି ବୋଲି କେବଳ ମୁଁ କଠିନ ଶାସ୍ତି ଦେଉନାହିଁ। ତା' ନହେଲେ ରେଷ୍ଟିକେଟ୍ କରିସାରନ୍ତିଣି। ସେ ବିଡ଼ି, ସିଗ୍ରେଟ୍ ଟାଣିଲାଣି। ୟା' ପରେ ଆଉ କ'ଣ ଅଧଃପତନ ବେଶୀଦୂର ଥାଇପାରେ? ସେ ପୁଣି କହିଲେ ଦୋକାନରେ ଚା' ପିଉଥିବା ମୁଁ ଶୁଣିଲିଣି। ଆପଣ ପିଲାଟାର କିଛି ବ୍ୟବସ୍ଥା କରନ୍ତୁ। ସେ ମେଟ୍ରିକ୍ ପାଶ୍ କରିଯାଉ। ଛେଲେଟାକେ ଆର୍ ପାରା ଯାବେନା। ସୁରେନ୍ଦ୍ର ମେଧାବୀ। କିନ୍ତୁ ପାଠ ବିମୁଖ। ସଞ୍ଜଆସେ, କେନ୍ଦ୍ରାପଡ଼ା କେନାଲ କୂଳ। ନିଛାଟିଆ ଜାଗା, ତା' ସେପଟେ ଲୁଣା ନଈ ଧୂ ଧୂ ବାଲି। ଛୋଟିଆ ପୂବଂଶ ବଜାର। ଦଧିବାମନ ଠାକୁରଙ୍କର ମସ୍ତ ଚଉଡ଼ା ରଥଦାଣ୍ଡ। ନଈକୂଳିଆ ସଞ୍ଜୁଆ ଶୋଭା। ସୁରେନ୍ଦ୍ର ହେଇଯାଆନ୍ତି ଆନମନା, ନିତି ସେଠାକୁ ଯାଆନ୍ତି। ସ୍କୁଲ୍‌ରେ ତାଙ୍କ ମନ ନଥାଏ। ଜଣେ ଦି ଜଣ ଶିକ୍ଷକ ଭଲ ପଢ଼ାନ୍ତି। ଅନ୍ୟମାନଙ୍କର ପାଠ ସେତେ ମନକୁ ଯାଏନି। ସେମାନଙ୍କ ବିରୁଦ୍ଧରେ ବିଦ୍ରୋହ ଘୋଷଣା କଲେ ସୁରେନ୍ଦ୍ର। ଶେଷରେ ପାଶ୍ କଲେ ଦ୍ୱିତୀୟ ଶ୍ରେଣୀରେ, ଫାଷ୍ଟ କ୍ଲାସ୍‌ଟା ତାଙ୍କ ଆୟତ୍ତ ଭିତରେ ଥିଲା, ତାକୁ ହାତଛଡ଼ା କଲେ। ଏ କଥାଟି ସ୍ୱୟଂ ସୁରେନ୍ଦ୍ର ସ୍ୱୀକାର କରିଛନ୍ତି।

କପାଳେ ଥିଲେ ଗୋପାଳ ଦେବେ କପାଳେ ନଥିଲେ ଗୋପାଳ କାହୁଁ ଦେବେ – ଏଇଟି ଗୋଟିଏ ବହୁଳ ପ୍ରଚଳିତ ପ୍ରବଚନ। ଏହା ସରଳ ଅର୍ଥଟେ – କର୍ମ ବଳରେ ଅଧମ ପୂଜାପାଏ। ପ୍ରବଚନଟିରେ ଦୁଇଟି କଥା ଅତି ସ୍ପଷ୍ଟ – (୧) କର୍ମବାଦ, (୨) ଭାଗ୍ୟବାଦ। ଏହାକୁ ନେଇ ନାନାଦି ଚର୍ଚ୍ଚା, ତର୍କ, ଦର୍ଶନ ବି। ଭଗବଦ୍ ଗୀତାରେ କର୍ମବାଦ ପ୍ରସଙ୍ଗ ଅତି ସ୍ପଷ୍ଟ। କର୍ମ କରିବା ମନୁଷ୍ୟର ଶ୍ରେଷ୍ଠ କର୍ତ୍ତବ୍ୟ। ଫଳରେ ଆଶା ନରଖିବା ବିଧେୟ। କର୍ମ ଫଳ ଅବଶ୍ୟ ମିଳିବ। ଭାଗ୍ୟବାଦୀଏ କର୍ମକୁ ଅସ୍ୱୀକାର କରିନାହାନ୍ତି। ଭାଗ୍ୟ ବାମ ହେଲେ କର୍ମ ଫଳରେ ହାନୀ ଘଟେ। ଏଇଟି ସେମାନଙ୍କର ଯୁକ୍ତି। ଏଇଥି ପାଇଁ ଭାଗ୍ୟ, ଭଗବାନ, ଭବିତବ୍ୟକୁ ନେଇ ନାନାଦି ଚିନ୍ତନ। ଆସ୍ତିକ, ନାସ୍ତିକ ବାଦ ମଧ୍ୟ। କପାଳ ବା ଲଲାଟ। ଲଲାଟ ଲିଖନ କେ କରିବ ଆନ? ଏଇ କଥାଟି ମଧ୍ୟ ଊଣା ଅଧିକେ ସ୍ୱୀକୃତ। ହଠାତ୍ ବିପଦ ଆସେ, ଜନେ କହନ୍ତି କପାଳ ଫାଟିଲା। ସୁଖ, ସୌଭାଗ୍ୟ, ସମୃଦ୍ଧି – ଏସବୁ ଅଯାଚିତ ମିଳେ। ଦୁନିଆ ଆଖିରେ ସେ ଲୋକଟି କପାଳବନ୍ତ। ଏସବୁ ଅନୁଭବ, ଅନୁଭୂତିର କଥା। ଭବିତବ୍ୟ ଯାହା ଅବଶ୍ୟ ଘଟିବ, କିଏ ତା କରିବ ଆନ? ଏଇ ପ୍ରସଙ୍ଗଟି ଅଳ୍ପ ବହୁତେ ଅନେକଙ୍କ ଅଙ୍ଗେନିଭା କଥା। ମଣିଷ ବିଚାରେ ଆନ, ଦଇବ କରେ ଆନ। ବହୁ ପ୍ରଥିତ ଯଶାଙ୍କ ଆତ୍ମଲିପିର ଏଇଟି ସାର ନିର୍ଯ୍ୟାସ । କପାଳ, ଲଲାଟଲିଖନକୁ ପ୍ରଚଳିତ ବିଶ୍ୱାସଟେ। ଏହା ବହୁ ପ୍ରାଚୀନ। ଶିଶୁଟି ଭୂମିଷ୍ଠ ହୁଏ। ନୂତନ ସୂର୍ଯ୍ୟାଲୋକ ଦେବେ। ଅନ୍ତୁଡ଼ିଶା, ପଂଚମ ଦିନ। ପଂଚୁଆତି ବନ୍ଧାପନା, ସବୁ ମା' ଷଠୀ ଦୁଛୀଙ୍କ ଉଦ୍ଦେଶ୍ୟରେ। ଷଷ୍ଠ ଦିନ ଆସେ, ଶିଶୁର ମୁଣ୍ଡ ଉପରେ ରଖି ଦିଆଯାଏ ତାଳପତ୍ର ଖଣ୍ଡେ। ବିଶ୍ୱାସ ସେଇ ମା' ଆସିବେ, ଶିଶୁର ଭାଗ୍ୟ ଲେଖିଦେବେ ଲଲାଟରେ। ସେଇ ତାଳପତ୍ରଟି ବ୍ୟବହୃତ ହୁଏ। ଜ୍ୟୋତିଷ ପ୍ରସ୍ତୁତ କରନ୍ତି ଶିଶୁର ଜନ୍ମକୁଣ୍ଡଳୀ। ଏବେବି ଏ ପ୍ରଥାଟି ଗାଁ ଗହଳରେ ଉଦ୍‌ଜୀବିତ। ଶିଶୁଟିର କୈଶୋର ସରେ, ଆରମ୍ଭ ହୁଏ ତା'ର ବିଦ୍ୟାରମ୍ଭ ପର୍ବ। ପ୍ରାଥମିକ ଶିକ୍ଷା, ଉଚ୍ଚ ପ୍ରାଥମିକ ଶିକ୍ଷା ଏ ତ ସମସ୍ତଙ୍କ ପାଇଁ ସମାନ। ମାତ୍ର ଉଚ୍ଚତର ଶିକ୍ଷାବେଳଟି ଅତୀବ ଗୁରୁତ୍ୱପୂର୍ଣ୍ଣ। ପିଲାଟି ମାଟିହାଣ୍ଡି, ଯେମିତି ଗଢ଼ିବ, ସେମିତି ଗଢ଼ି ହେବ। ଅଭିଭାବକ, ପିତାମାତା, ସେମାନଙ୍କର କେତେ କେତେ ସ୍ୱପ୍ନ, କଳ୍ପନା ଜଳ୍ପନା। ପୁଅକୁ ହାକିମ କରିବେ। ପୁଅ ଡାକ୍ତର, ଡିପୁଟି ହେବ। ସେଇ ଅନୁଯାୟୀ ତା'ର କଲେଜ ଶିକ୍ଷା। ପିତାମାତା, ଅନେକତ୍ର ବୁଝନ୍ତିନି ଶିଶୁର ମନସ୍ତତ୍ତ୍ୱ, ଲଦି ଦିଅନ୍ତି ଆପଣା ସିଦ୍ଧାନ୍ତ। ଫଳ ଅନେକତ୍ର ଅମୃତ ପ୍ରସବା ହୁଏନି, ହେଇଯାଏ ବିଷମୟ। ଏ କଥାଟି ଅଙ୍ଗେ ନିଭେଇଥିଲେ ସୁରେନ୍ଦ୍ର ମହାନ୍ତି। ସେ ଜଣେ ପ୍ରଥିତଯଶା ସାହିତ୍ୟିକ, ବିଦ୍ୱାନ, ସ୍ୱାଧୀନତା ସଂଗ୍ରାମୀ, କ୍ଷମତା ରାଜନୀତିର ଅଂଶୀଦାର ମଧ୍ୟ। ବାପାଙ୍କର ଇଚ୍ଛା ପୁଅ ଡାକ୍ତର ହେବ, ଏଲ୍.ଏମ୍.ପି. କୋର୍ସରେ ନାମ ଲେଖାଇଦେବେ। ହେଲେ ସୁରେନ୍ଦ୍ରଙ୍କ ମନ ସାହିତ୍ୟରେ। ପ୍ରଣ ପ୍ରତିଜ୍ଞା ସେ ହେବେ ସାହିତ୍ୟିକ। ହେଲେ ବି। ଏଇଟି ଥିଲା ମଙ୍ଗଳମୟଙ୍କ ଇଚ୍ଛା। କୁହାଯାଇପାରେ ଏଇଟି ତାଙ୍କ କପାଳ ଲିଖନ। ତାକୁ ବା କେ ବଦଳେଇବ? ଏ ସମସ୍ତ ରୋଚକ ତଥ୍ୟ। ସୁରେନ୍ଦ୍ର ବାଂଟିଛନ୍ତି ଆପଣା ଆତ୍ମଲିପି 'ପଥ ଓ ପୃଥିବୀ'ରେ। ବିଷୟଟି ଖୁବ୍ ଆକର୍ଷଣୀୟ।

ପ୍ରାକ୍ ସ୍ୱାଧୀନତା କାଳ। ପୁଅଟେ ପାଇଁ ସମସ୍ତଙ୍କର ବ୍ୟାକୁଳତା। ପୁଅ ଇଂରାଜୀ ପଢ଼ିବ, ବଡ଼ ଚାକିରୀ କରିବ, କୁଳ ଉଜ୍ଜ୍ୱଳ ହେବ। ସୁରେନ୍ଦ୍ରଙ୍କ ବାପା ପାଠୁଆ। ଡାକ୍ତରଖାନାରେ ଚାକିରୀ। ତାଙ୍କର ଇଚ୍ଛା ପୁଅ ଡାକ୍ତର ହେବ। ସେ ଦିଗରେ ସେ ମନ ବଳାଇଲେ। ଯାହା ପଦକ୍ଷେପ ନେବା କଥା ନେଲେ। ହେଲେ ସୁରେନ୍ଦ୍ରଙ୍କ ମତି-ଗତି ପୂରା ଅଲଗା। ପ୍ରଚଳିତ ଶିକ୍ଷାଦାନ ପଦ୍ଧତି। ଏହାର ସେ ଘୋର ବିରୋଧୀ। ସାଲେପୁର ହାଇସ୍କୁଲ୍‌ର କଥା, ବାପା ତାଙ୍କୁ କଡ଼ା ତତ୍ତ୍ୱାବଧାନରେ ରଖିଲେ। ଫଳ କିଛି ହେଲାନି। ସୁରେନ୍ଦ୍ର ଅବାଟରେ ଗଲେ। ସ୍କୁଲ୍‌ର ପ୍ରଧାନ ଶିକ୍ଷକ ମନମୋହନ ଘୋଷ। ତାଙ୍କର ଗୋଟେ 'ଲଙ୍ଗ୍‌ଷ୍ଟିକ୍' ଆରଟି 'ଶର୍ଟଷ୍ଟିକ୍'। ଏ ଦୁଇଦଣ୍ଡର ଆତଙ୍କ। ସୁରେନ୍ଦ୍ର କିନ୍ତୁ ନିୟନ୍ତ୍ରଣ ବାହାରେ। ଦିନେ ପ୍ରଧାନଶିକ୍ଷକ ତାଙ୍କ ବାପାଙ୍କୁ ଡକାଇଲେ। ସୁରେନ୍ଦ୍ରଙ୍କ କୀର୍ତ୍ତି ବଖାଣିଲେ – ପିଲାଟି ବୁଦ୍ଧିମାନ୍, ଭଲ ପଢୁଛି ବୋଲି କେବଳ ମୁଁ କଠିନ ଶାସ୍ତି ଦେଉନାହିଁ। ତା' ନହେଲେ ରେଷ୍ଟିକେଟ୍ କରିସାରନ୍ତିଣି। ସେ ବିଡ଼ି, ସିଗ୍ରେଟ୍ ଟାଣିଲାଣି। ୟା' ପରେ ଆଉ କ'ଣ ଅଧଃପତନ ବେଶୀଦୂର ଥାଇପାରେ? ସେ ପୁଣି କହିଲେ ଦୋକାନରେ ଚା' ପିଉଥିବା ମୁଁ ଶୁଣିଲିଣି। ଆପଣ ପିଲାଟାର କିଛି ବ୍ୟବସ୍ଥା କରନ୍ତୁ। ସେ ମେଟ୍ରିକ୍ ପାଶ୍ କରିଯାଉ। ଛେଲେଟାକେ ଆର୍ ପାରା ଯାବେନା। ସୁରେନ୍ଦ୍ର ମେଧାବୀ। କିନ୍ତୁ ପାଠ ବିମୁଖ। ସଞ୍ଜଆସେ, କେନ୍ଦ୍ରାପଡ଼ା କେନାଲ କୂଳ। ନିଛାଟିଆ ଜାଗା, ତା' ସେପଟେ ଲୁଣା ନଈ ଧୂ ଧୂ ବାଲି। ଛୋଟିଆ ପୂବଂଶ ବଜାର। ଦଧିବାମନ ଠାକୁରଙ୍କର ମସ୍ତ ଚଉଡ଼ା ରଥଦାଣ୍ଡ। ନଈକୂଳିଆ ସଞ୍ଜୁଆ ଶୋଭା। ସୁରେନ୍ଦ୍ର ହେଇଯାଆନ୍ତି ଆନମନା, ନିତି ସେଠାକୁ ଯାଆନ୍ତି। ସ୍କୁଲ୍‌ରେ ତାଙ୍କ ମନ ନଥାଏ। ଜଣେ ଦି ଜଣ ଶିକ୍ଷକ ଭଲ ପଢ଼ାନ୍ତି। ଅନ୍ୟମାନଙ୍କର ପାଠ ସେତେ ମନକୁ ଯାଏନି। ସେମାନଙ୍କ ବିରୁଦ୍ଧରେ ବିଦ୍ରୋହ ଘୋଷଣା କଲେ ସୁରେନ୍ଦ୍ର। ଶେଷରେ ପାଶ୍ କଲେ ଦ୍ୱିତୀୟ ଶ୍ରେଣୀରେ, ଫାଷ୍ଟ କ୍ଲାସ୍‌ଟା ତାଙ୍କ ଆୟତ୍ତ ଭିତରେ ଥିଲା, ତାକୁ ହାତଛଡ଼ା କଲେ। ଏ କଥାଟି ସ୍ୱୟଂ ସୁରେନ୍ଦ୍ର ସ୍ୱୀକାର କରିଛନ୍ତି।

ସୁରେନ୍ଦ୍ରଙ୍କ ବାପା କ୍ଷୁଣ୍ଣ ହେଲେ। ପୁଅ ପାଟଣା ୟୁନିଭରସିଟିରୁ ମାଟ୍ରିକ୍ ପାଶ୍। ଅନ୍ୟମାନଙ୍କ ଆଗରେ ଏ କଥା କହିଲେ। ଏଣେ ସୁରେନ୍ଦ୍ରଙ୍କ ଉପରେ ନିତି ଗାଳିବର୍ଷଣ। ବାପାଙ୍କର ଡାକ୍ତର କରିବା ଏକାନ୍ତ ଇଚ୍ଛା। ଏ ସ୍ୱପ୍ନ ଅଧୁରା ରହିଯିବ। କିନ୍ତୁ ସେ ହାରିଯିବାର ଲୋକ ନୁହନ୍ତି। ଏଲ୍.ଏମ୍.ପି.ରେ ସବୁ ପ୍ରଥମ ଶ୍ରେଣୀରେ ପାଶ୍‌କରା ପିଲା। ଦୈବର ଯୋଗ। ଆବଶ୍ୟକ ସଂଖ୍ୟକ ଫାଷ୍ଟ ଡିଭିଜନ୍ ପିଲା ମିଳିଲେନି। ମେଜର୍ ଓନିଲ ଥାଆନ୍ତି ସ୍କୁଲ୍‌ର ପ୍ରିନ୍‌ସପାଲ। ବାପା ତ ଡାକ୍ତରଖାନାର କର୍ମଚାରୀ। ଖଣ୍ଡେ ଦରଖାସ୍ତ ଲେଖିଲେ। ସୁରେନ୍ଦ୍ରଙ୍କୁ ଗ୍ରହଣ କରିବାକୁ ନିବେଦନ ରଖିଲେ। ସୁରେନ୍ଦ୍ର ମନେ ମନେ ରୁଷ୍ଟ। ବିନା କାରଣରେ ବାପା ସାହିବ ଆଗରେ ନିଜକୁ ଛୋଟ କରୁଛନ୍ତି। ସେ ବି ହଟହଟା। ସାହେବ ପତ୍ର ପାଠେ ବିଦା କରିଦେଲେ। ବ୍ରିଟିଶ ରାଜ୍। ଲାଂଚ ମିଛର ରାଜୁତି। ସୁରେନ୍ଦ୍ରଙ୍କ ବାପା ଠିକ୍ ଜାଣନ୍ତି, କେଉଁ ରୋଗକୁ କେଉଁ ଔଷଧ।

ବାପା ଚାଲିଥାଆନ୍ତି ଆଗେଆଗେ। ତାଙ୍କ ପଛେ ପଛେ ଜଣେ ମୂଲିଆ। ମୁଣ୍ଡରେ ଟୋକେଇଟାଏ। ଏଥିରେ ସରୁ ବାସନା ଚାଉଳ, ବଡ଼ି, ଗୁଆଘିଅ ଠେକିଏ। ମୂଲିଆର ହାତରେ ବଡ଼ କାଠିଆ କଦଳୀ କାନ୍ଧିଏ। ସେମାନଙ୍କ ପଛରେ ଚାଲିଛନ୍ତି ସୁରେନ୍ଦ୍ର। ମେଡ଼ିକାଲ ସ୍କୁଲ୍ ହେଡ୍ କ୍ଲର୍କ। ତାଙ୍କରି ଘରେ ପହଂଚିଲେ। ଡାଲାଟି ଦେଲେ। ଭିତରେ ହସ, ଉପରେ ଉପରେ ହେଡ୍ କ୍ଲର୍କ କହିଲେ – ଏସବୁ ଆଣିବାର କଅଣ ଦରକାର ଥିଲା? ହଉ, ସେ ଏଡ୍‌ମିସନ ବେଳକୁ ଆସୁ, ମୁଁ ଚେଷ୍ଟାକରି ଦେଖିବି। କିନ୍ତୁ ଏ ସାହବ ତ ବି ଅଖାଡ଼ୁଆ। ସେବା, କାର୍ପଣ୍ୟ, ପୁଣ୍ୟ ବଳେ, କିମ୍ବା ଅସାଧ ମହୀତଳେ। ସୁରେନ୍ଦ୍ରଙ୍କ ବାପା ସଫଳ ହେଲେ। ସୁରେନ୍ଦ୍ରଙ୍କ ଏଡ୍‌ମିସନ ହେବ। ବାପା ତାଙ୍କ ହାତରେ ଧରାଇ ଦେଲେ ଶହେ କୋଡ଼ିଏ ଟଙ୍କା। ମେଡ଼ିକାଲ ସ୍କୁଲ୍‌ରେ ନାମ ଲେଖାଇବାକୁ ପଠାଇ ଦେଲେ।

ସୁରେନ୍ଦ୍ର ମେଡ଼ିକାଲ ସ୍କୁଲ୍‌ରେ ପହଂଚିଲେ। ସହଜେ ତ ତାଙ୍କ କଳାରେ ମନ, ଏଠିକା ଦୃଶ୍ୟ ବଡ଼ ନାରକୀୟ। ସାହେବ ଇଂଟରଭ୍ୟୁକୁ ଡାକିବେ। ଆଉ ଘଂଟାଏ ଖଣ୍ଡେ ଡେରି ଅଛି। ପ୍ରିନ୍‌ସପାଲ ଅଫିସ୍ ପାଖରେ ସେ ରହିଲେନି। ମେଡ଼ିକାଲ ହତା ବୁଲି ଦେଖିଲେ। ପହଂଚିଲେ ଆଉଟ୍ ଡୋର୍ ପାଖରେ। ନିକଟରେ ଅପରେସନ୍ ଥିଏଟର। ସେଠାରେ ଏ କି ଦୃଶ୍ୟ? ଜଣେ ରୋଗୀର ଅପରେସନ୍ ସରିଛି। ସେ ମୂର୍ଚ୍ଛାର ପ୍ରାୟ ଦିଶୁଛି। ବେହେରାମାନେ ତାକୁ ଷ୍ଟ୍ରେଚର୍‌ରେ ଆଣୁଛନ୍ତି। ରୋଗୀର ମୁହଁ ଶେତା, ସେ ଅଚେତ ହେଇ ପଡ଼ିଛି। ତା' ଉପରେ ଖଣ୍ଡେ ଧଳାଚାଦର। ସେଥିରେ ଠା ଠା ତାଜା ରକ୍ତ। ସୁରେନ୍ଦ୍ର ଡାକ୍ତରୀ ପଢ଼ିବେ, ଏମିତି କଟାକଟି କରିବେ, ଗୁଡ଼ାଏ ତାଜା ରକ୍ତ। ତାକୁ ଦେଖି ତାଙ୍କ ମୁଣ୍ଡ ଗୋଳମାଳ ହେଇଗଲା। ମନେ ମନେ ସ୍ଥିର କଲେ। ଯାହା ହେବାର ହଉ। ସେ ଡାକ୍ତରୀ ପାଠ ପଢ଼ିବେନି କି ଇଂଟରଭ୍ୟୁ ବି ଦେବେନି। ସେଇଠୁ ସିଧା ଟିକଟ କାଟିଲେ। ଟ୍ରେନ୍‌ରେ ପୁରୀ ଚାଲିଗଲେ, ଅଧା ପଇସା ଶେଷ। ଘରକୁ ଫେରିଲେ। ସାହେବ ତାକୁ ଏଡ୍‌ମିସନ୍ ଦେବାକୁ ମନାକଲେ, ଏମିତି ଡାହାମିଛ ବାପାଙ୍କୁ କହିଲେ। ବାପାଙ୍କ ମନ ଭାଙ୍ଗିଗଲା। ଡାକ୍ତରୀ ନହେଲା ନାହିଁ, ସୁରିଆଟା ହେଲେ ଭେଟେନାରୀ ଡାକ୍ତର ହେଉ। ଏଥିପାଇଁ ଚେଷ୍ଟା ଚାଲୁ ରଖିଲେ। ସୁରେନ୍ଦ୍ର 'ଭେଟେନାରୀ' ଶଙ୍କର ଅର୍ଥକୁ ଠିକ୍ ବୁଝିନେଲେ। ସେ ଆଡ଼େ ମୋଟେ ନିଘା ଦେଲେନି। ମଲୁ ଖୋଜୁଥିଲା ପଇଡ଼ ପାଣି, ବଇଦ ବତାଇଲା କାଞ୍ଜି ତୋରାଣି। ଯୋଗକୁ ଫର୍ମ ଯୋଗାଡ଼ ହୋଇପାରିଲାନି। ସୁରେନ୍ଦ୍ର ସେ ଯାତ୍ରାରୁ ରକ୍ଷା ପାଇଲେ। ଏଣିକି ହାକିମ ହେବା କଥା ଉଠିଲା। ବାପାଙ୍କର କଷ୍ଟ ସଂଚିତ ଅର୍ଥ, ସେଥିରୁ ଷାଠିଏ ଟଙ୍କା ଦେଲେ। ରେଭେନ୍‌ସା କଲେଜ୍‌ରେ ନାମ ଲେଖା ସ୍ଥିର ହେଲା। ୧୯୩୯ ମସିହା, ଜୁଲାଇ ମାସ। ସୁରେନ୍ଦ୍ର ରେଭେନ୍‌ସା କଲେଜରେ ନାଁ ଲେଖେଇଲେ। ଆଇ.ଏ. ଶ୍ରେଣୀରେ ପଢ଼ିଲେ। ବିଷୟ ନେଲେ ଅର୍ଥନୀତି, ଇତିହାସ। ଏହା ସହିତ ଓଡ଼ିଆ। ସେତେବେଳେ ଏଇଟା 'ରୟାଲ୍ ଗ୍ରୁପ୍'। ସବୁ ଅନୁଜ୍ଜ୍ୱଳ ଛାତ୍ରଙ୍କର ଏଇ 'ଗ୍ରୁପିଙ୍ଗ୍'। ସେ ବା ଆଉ କେଉଁ ଉଜ୍ଜ୍ୱଳ ଛାତ୍ର?

କଟକ ସହର, ସୁରେନ୍ଦ୍ରଙ୍କ ପାଇଁ ବାତାବରଣ ପ୍ରବଳ ଉତ୍ତେଜନାପୂର୍ଣ୍ଣ। ଅନୁଶାସନ-ନିୟନ୍ତ୍ରିତ ପରିବେଶ ନାହିଁ। ଏଣିକି ଅବାଧ ସ୍ୱାଧୀନତା, ଅବଶ୍ୟ ମେସ୍‌ରେ ଜଣେ ଲୋକାଲ ଗାର୍ଡ଼ିନ, ତାହା କେବଳ ନାମକା ବାସ୍ତେ। ସୁରେନ୍ଦ୍ର ଏବେ ପଞ୍ଜୁରୀ ମୁକ୍ତ ପକ୍ଷୀ। ଢେର୍ ଡେଣା ଝାଡ଼ି ଉଡ଼ିଲେ। ଜୀବନକୁ ଉପଭୋଗ କରିବାକୁ ହେବ। ଲୋଡ଼ା ପ୍ରଚୁର ଅର୍ଥ। ସିନେମା, ହୋଟେଲ୍, ଚା' ଦୋକାନ, ଷ୍ଟେସନ୍ – ସବୁଠି ଲୋଡ଼ା ପଇସା। ବାପା ଦିଅନ୍ତି ମାସିକ କୋଡ଼ିଏ ଟଙ୍କା। ଏଥିରେ କଷ୍ଟେ ମଷ୍ଟେ ଚଳିହେବ। ସୁରେନ୍ଦ୍ରଙ୍କୁ ଏତିକି ଟଙ୍କା ନଘଟେ। ହାତ ଉଧାରି, ମେସ୍ ବନ୍ଦ, କଲେଜ୍‌ରୁ ନାଁକଟା – ଏ ତ ମାମୁଲି କଥା। ଶେଷରେ ବୋଉଠାରୁ ଟଙ୍କା ଉଠେଇଲେ। ତାଙ୍କର ଧନିଆ ଫାଳିଆ ସୁନା ହାର ଚୋରେଇ ଆଣିଲେ। ଏକଥା ବୋଉ ଜାଣିଲେ, କିନ୍ତୁ ବାପାଙ୍କୁ କହିଲେନି। ବଡ଼ ବୋହୂପାଇଁ ସେ ହାର ରଖିଛନ୍ତି – ଏକଥା ବାପାଙ୍କୁ କହିଦେଲେ। ସୁରେନ୍ଦ୍ର ସିନା ବର୍ତ୍ତିଗଲେ ହେଲେ ଲାଜରେ ଦରମରା ହେଲେ।

ପିଲା ଦିନର ଆକଟ, ଘରେ ବାପାଙ୍କ ତାଗିଦ୍। ସ୍କୁଲ୍‌ରେ ମାଷ୍ଟ୍ରେ ସାକ୍ଷାତ ଯମ। ବିନା ବାଛବିଚାରରେ ମାଡ଼, ନାନାଦି ଦଣ୍ଡ। ସୁରେନ୍ଦ୍ର ବିଦ୍ରୋହୀ ପାଲଟିଲେ। ସତ କହିବା ଉଚିତ୍ – ଏ କଥା ଦଳେ ମିଥ୍ୟାବାଦୀ କହୁଥିଲେ। ସୁରେନ୍ଦ୍ର ତାକୁ ଘୃଣା କଲେ, ସତ ଜାଗାରେ ମିଛ କହିଲେ। ଅଷ୍ଟମ ଶ୍ରେଣୀରୁ ବିଡ଼ି ଟାଣିଲେ। ନଷ୍ଟ ଚରିତ୍ରଙ୍କ ଦାଉରେ ଖଜୁରୀ ତାଡ଼ି ପିଇଲେ। ଏକଥାକୁ ସେ ଅକାତରେ ସ୍ୱୀକାର କରିଛନ୍ତି। ପ୍ରଚଳିତ ଅର୍ଥରେ ସେ ଚରିତ୍ରହୀନ। ମାତ୍ର ତାଙ୍କ ପାଇଁ ସେ ଚରିତ୍ରର ସଂଜ୍ଞା ଆଦ୍ୟ ଯୌବନରୁ ସ୍ୱତନ୍ତ୍ର। ପାଣିର ଚରିତ୍ର ବହିଯିବା, କେଉଁ ପଥର ତାକୁ ବାନ୍ଧି ରଖିବ? ପବନ ଝିଙ୍କାରି ଦିଏ, ଝାଞ୍ଜିହେଇ ବହିଯାଏ। ତାକୁ କେହି ରୋକି ପାରିବନି। ନିଆଁର ଧର୍ମ ହେଲା ଜାଳିଦେବ। ସୃଷ୍ଟିର ଅଣଚାଷ ପବନ, ତାକୁ ଲିଭେଇ ପାରିବନି।

ଯିଏ ସ୍ୱଧର୍ମ ଭୁଲିଯାଏ, ଉପଚାରରେ ଚିତା ଚଇତନ ହୋଇ ବୁଲେ, ସମାଜ ପ୍ରତି କର୍ତ୍ତବ୍ୟ ଯାହାର ନଥାଏ, ସେ ହେଉଛି ପ୍ରକୃତ ଚରିତ୍ରହୀନ। ସୁରେନ୍ଦ୍ର ଥିଲେ ସ୍ୱାଧୀନଚେତା। ଆପଣା କର୍ମରୁ ବିଚ୍ୟୁତ ହୋଇ ନଥିଲେ। ବାପା ଚାହିଁଥିଲେ ଡାକ୍ତର ହେବେ, ତାଙ୍କ ମନ ସାହିତ୍ୟ ଆଡ଼େ। ଶେଷରେ ସେଇଆ ହେଲା। ସୁରେନ୍ଦ୍ର ହେଲେ ଓଡ଼ିଆ ସାହିତ୍ୟ ଜଗତର ମୁକୁଟ ବିହୀନ ସମ୍ରାଟ। ଏଇଟି ଥିଲା କପାଳ ଲିଖନ। ତାକୁ ବା କିଏ ବଦଳେଇ ଦେବ? କପାଳେ ଥିଲା, ଗୋପାଳ ବି ଦେଲେ। (କ୍ରମଶଃ)

ଘର ଓ ଘରର ମାତା

ଶ୍ରୀମତୀ କୁମୁଦିନୀ ମିଶ୍ର

ନିଜର ଗୃହକୁ ଗୁରୁ ଭଗବାନଙ୍କର ଘର ବୋଲି ହୃଦୟରେ ରଖି ଯେଉଁ ମନୁଷ୍ୟ ଆଚରଣ ଦ୍ୱାରା ସମସ୍ତ କାର୍ଯ୍ୟକୁ ଠିକ ସୁଚାରୁ ରୂପେ ପାଳନ କରିଥାଏ, ତାଙ୍କର ହିଁ ଘର ସତ୍ୟ ସ୍ୱରୂପ ଗୁରୁଦ୍ୱାର ହୋଇଥାଏ । ପ୍ରେମ ଆଉ ମିଳିମିଶି ଚଳୁଥିବା ଘରଟି ହିଁ ଗୁରୁଙ୍କ ଅସଲି ଘର । ନା ଝଗଡ଼ା ଥିବ, ନା କଳିଥିବ, ନା ହିଁସା ନା ରାଗ ଦ୍ୱେଷ ଥିବ, ସେହିପରି ଘରେ ସୁଖ ଶାନ୍ତି ବଜାୟ ରହେ । କିନ୍ତୁ ଘରର ଅଶାନ୍ତି ପରିବେଶ ସୁଖୀ ଘରକୁ ନର୍କ କରିଦେଇଥାଏ । ଘରର ମାତା ବା ମାଲିକାଣୀ ପାଇଁ ଘର ଶୃଙ୍ଖଳିତ ହୋଇଥାଏ । ମାତା ମାଲିକାଣୀ ହୋଇନପାରିଲେ ସେ ଘର କେଉଁ କାମକୁ ନୁହେଁ । ଘରର ମାତା ହିଁ ଘରର ମୂଳପ୍ରକାଶ । ଶୁଶୀଳ ମାତା ସନ୍ତାନମାନଙ୍କର ଭାଗ୍ୟର ଅସଲି ସ୍ତମ୍ଭ ଆଉ ସୁଖର ନୌକା ହୋଇଥାନ୍ତି । ଗୁଣବତୀ ମାତାଙ୍କ କୋଳରୁ ଜନ୍ମ ନେଇ ଲାଳନପାଳନ ହୋଇଥିବା ସନ୍ତାନର ପ୍ରଶଂସା ଭଗବାନ ବି କରିଥାନ୍ତି । ଆଉ ଆଶୀର୍ବାଦ ବି ଦେଇଥାନ୍ତି । ସମସ୍ତ ସନ୍ତାନମାନଙ୍କର ଅସଲ ସଚ୍ଚା ଗୁରୁ ହିଁ ପ୍ରଥମ ମାତା ହୋଇଥାନ୍ତି । ଯେଉଁ ସନ୍ତାନମାନେ ଶିକ୍ଷକଙ୍କ ପାଖରୁ ଶିକ୍ଷା ପାଇ ନ ପାରନ୍ତି । ସେହି ସନ୍ତାନ ଗୁଣବତୀ ମାତାଙ୍କଠାରୁ କେବଳ ଆଖିର ଇଶାରାରେ ଶିକ୍ଷା ପାଇଥାନ୍ତି ।

ହେ ମାତା କୁପଥଗାମିନୀ ହୁଅ ନାହିଁ । ଲୋକ ପରଲୋକ ସୁଖ ଚାହେଁ ତ ଦହେଜ ବା ଯୌତୁକ ପରି ଘୃଣ୍ୟ ପ୍ରଥାରୁ ଦୂରେଇ ହୋଇଯାଅ । ଯେଉଁ ସନ୍ତାନମାନେ ସତ୍ୟ, ସରଳ ଆଉ ମନରେ ନିଜ ମାତାଙ୍କର ସେବା କରିଥାନ୍ତି, ସେମାନେ ମାତାଙ୍କର ବାଧ୍ୟ ସନ୍ତାନ ହୋଇଥାନ୍ତି । ସେମାନେ ମାତାଙ୍କର ଆଶୀର୍ବାଦ ପ୍ରାପ୍ତ ହୋଇଥାନ୍ତି । ସେହି ସନ୍ତାନମାନେ ଜଗତର ସବୁଠୁ ବଢ଼ିଆ ଫସଲ ଅମଳ କରିଥାନ୍ତି, ସବୁ କାର୍ଯ୍ୟରେ ସଫଳତା ଲାଭ କରିଥାନ୍ତି । ହେ ମାତା ତୁ ଯଦି ଘରକୁ ମନ୍ଦିର କରିବାକୁ ଚାହୁଁ, ତେବେ ଘରର କାର୍ଯ୍ୟକ୍ରମ ଏପରି କର ସେହିଠି ତୋର ପ୍ରଭୁଙ୍କର ପୂଜା ହୋଇଯିବ । ଯିଏ ନିଜ ଘରର କାର୍ଯ୍ୟକ୍ରମ ସୁଚାରୁ ରୂପେ କରିପାରୁଛି, ତା'ର ଅନ୍ୟ କୌଣସି ପୂଜା କରିବା ଦରକାର ନାହିଁ । ହେ ମାତା ଘରର ସମସ୍ତ ସଦସ୍ୟଙ୍କୁ ଭଗବାନ ଭାବି ବୁଝି ସମସ୍ତ କାର୍ଯ୍ୟ କଲେ ଭଗବାନଙ୍କ ପୂଜା ଅର୍ଚ୍ଚନା ସଙ୍ଗେ ସମାନ ବୋଲି ଜାଣିପାରିବ । ଯେଉଁ ଭାବରେ ଘରର କାର୍ଯ୍ୟକ୍ରମ କରାଯାଏ, ତାଙ୍କୁ ସେହିପରି ସୁଖ, ଦୁଃଖ ବନ୍ଧନ ଅଥବା ମୋକ୍ଷ ଫଳ ମିଳିଥାଏ । ମୁହଁ ଛିଞ୍ଚାଡ଼ି କାର୍ଯ୍ୟ କରୁଥିଲେ ନର୍କ ଅବା ଦୁଃଖ ଭୋଗିବାକୁ ପଡ଼େ । ପ୍ରସନ୍ନ ଚିତ୍ତରେ କାର୍ଯ୍ୟ କଲେ ସ୍ୱର୍ଗୀୟ ଆନନ୍ଦ ମିଳିଥାଏ ।

ପତି ପତ୍ନୀ ଦୁଇ ଜଣଙ୍କର ସ୍ନେହ ପ୍ରେମ ସଚ୍ଚା ସ୍ଥାପିତ ହେଲେ, ଦୁହିଁଙ୍କର ପରମାତ୍ମାଙ୍କ ପାଇଁ ହୃଦୟରେ ଆବିଳତା ଆସିଥାଏ । ଆପେ ଆପେ ମନ ନଇଁଯାଇ କୋମଳ ହୋଇଥାଏ । ପତିବ୍ରତା ପତ୍ନୀ, ପତିଙ୍କର ସଚ୍ଚା ସେବାରେ ଯେଉଁ ଫଳ ପାଇଥାଏ, ତାହା ବହୁ ଋଷିମୁନିମାନେ କଠିନ ତଥା କଷ୍ଟକର ତପସ୍ୟା କରି ପାଇଥାନ୍ତି । ଏ ଶରୀର ମିଳିଛି ପରମାତ୍ମା ବ୍ରହ୍ମାଙ୍କ ମୁଖରୁ । ହେ ମାତାମାନେ ଘରର କାର୍ଯ୍ୟ ନିଜ ହାତରେ କର । ସେଥିରେ ନିଜର ସ୍ୱାସ୍ଥ୍ୟର ଉନ୍ନତି ହେବ । ଆଉ ନିଜକୁ ଶାନ୍ତି ଓ ପ୍ରସନ୍ନତା ମିଳିବ । ଜୀବ ଯେତେଦିନ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବ ସେତେଦିନ ପର୍ଯ୍ୟନ୍ତ ସେ ଜୀବିତ ଥିବ । ଯେବେ କାର୍ଯ୍ୟ କରିବା ଛାଡ଼ିଦେବ ତେବେ ସେ ମୁର୍ଦ୍ଦାର ହୋଇଯିବ । ଯଦି ତୋର ଜୀବନକୁ ଭଲପାଉଛୁ ତେବେ ସବୁବେଳେ ପ୍ରସନ୍ନତାର ସହ କାର୍ଯ୍ୟ କରିଚାଲିଥା । ଯଦି ଘରର କାର୍ଯ୍ୟକ୍ରମ କରୁକରୁ ଜ୍ଞାନର ଉଚ୍ଚ ସ୍ତରକୁ ଉଠିବାକୁ ଚାହୁଁ, ତେବେ ଆପଣାର ଘରକୁ ମନ୍ଦିର ଭାବିବା ଆରମ୍ଭ କର । ଏପରି ଭାବନାର ସହିତ ଘରକୁ ରଖ ଯେପରି ତୁମର ପ୍ରେମ, ସ୍ନେହ ଏବଂ ସେବା ଦ୍ୱାରା ସତକୁ ସତ ଘର ମନ୍ଦିରରେ ପରିଣତ ହୋଇଯିବ । ଯାହାକୁ ନିଜ ଘରେ ସୁଖ ଲାଗେ ନାହିଁ, ତା'କୁ ଦୁନିଆଟା ଦୁଃଖରୂପୀ ଲାଗିବ । ଯାହାର ଘର ପ୍ରେମ ଆଉ ଆନନ୍ଦର ମନ୍ଦିର, ଦୁଃଖ ବି ତା'ର ନିକଟକୁ ଆସିପାରିବନି ।

ଭଗବାନ ମନୁଷ୍ୟକୁ ଭୋକ, ଶୋଷ ଏଥିପାଇଁ ଦେଇଛନ୍ତି, କାହିଁକିନା ମନୁଷ୍ୟ ଶ୍ରମକରି ତନ ମନକୁ ସୁଖଶାନ୍ତିରେ ରଖିବ । ଏଥିରୁ ସ୍ପଷ୍ଟ ଜଣାଯାଉଛି ଯେ ଶ୍ରମ କରିବା ହିଁ ଭଗବାନଙ୍କୁ ସଚ୍ଚା ଭକ୍ତି କରିବା । ଏପରି ଗୃହସ୍ଥ ଯିଏ ହୃଦୟ ନିର୍ମଳ କରି ପ୍ରଫୁଲ୍ଲତା ସହ କର୍ମ କରିଥାଏ, ସେ ହିଁ ସଚ୍ଚା ସନ୍ନ୍ୟାସୀଙ୍କଠୁ ଉପର ନୁହେଁ କି ତଳ ନୁହେଁ ।

ସି-୬୯, ୟୁନିଟ-୮
ଭୁବନେଶ୍ୱର-୭୫୧୦୧୨

ଭାରତ ବର୍ଷର ଦାରିଦ୍ର୍ୟ

ରବିନାରାୟଣ ପାଣି
ଏଚ୍ଆଇଜି-୨୬, କଳିଙ୍ଗ
ବିହାର, ଭୁବନେଶ୍ୱର

ମିଳିତ ଜାତିସଂଘ ରିପୋର୍ଟ ଅନୁଯାୟୀ ଏକ ଦଶନ୍ଧି ପୂର୍ବରୁ ଦେଶର ଦାରିଦ୍ର୍ୟ ଥିଲା ୫୦ ପ୍ରତିଶତ । ଏବେ ଏହା ହ୍ରାସ ପାଇଛି । କିନ୍ତୁ ତଫସିଲଭୁକ୍ତ ଜନଜାତି ଓ ମୁସଲିମ୍ ସଂପ୍ରଦାୟ ଏବେ ମଧ୍ୟ ଗରିବ/ଦରିଦ୍ର ହୋଇ ରହିଛନ୍ତି । ଏହି ଦୁଇ ସଂପ୍ରଦାୟର ଦାରିଦ୍ର୍ୟତା ସବୁଠାରୁ ଉପରେ । ଉଦାହରଣ ସ୍ୱରୂପ ଯେଉଁମାନେ ତଫସିଲଭୁକ୍ତ ଜନଜାତି ଭାବେ ଚିହ୍ନିତ, ୨୦୦୫-୦୬ ସେମାନଙ୍କ ଦାରିଦ୍ର୍ୟ ସୀମାରେଖା ହାର ଥିଲା ୮୦ ପ୍ରତିଶତ । ୨୦୧୫-୧୬ ମସିହାରେ ଏହା ହ୍ରାସ ପାଇ ୫୦ ପ୍ରତିରେ ପହଞ୍ଚିଛି । ଗତ ୧୦ବର୍ଷ ମଧ୍ୟରେ ୨୭୧ ମିଲିଅନ ଜନସଂଖ୍ୟା । ଅର୍ଥାତ୍ ୫୪.୭ ପ୍ରତିଶତ ଗରିବ ଥିଲେ । ଏବେ ଏହା ୨୭.୫ ପ୍ରତିଶତକୁ ହ୍ରାସ ପାଇଛି । ୧୯୬ ମିଲିଅନ ଗରିବ ଲୋକ ବିହାର, ଝାଡଖଣ୍ଡ, ଉତ୍ତରପ୍ରଦେଶ ଓ ମଧ୍ୟ ପ୍ରଦେଶ ରାଜ୍ୟର । ଆମ ଦେଶର ୪୦୪ ମିଲିଅନ ଜନସଂଖ୍ୟା ବିଭିନ୍ନ ଜିଲ୍ଲା ମାନଙ୍କରେ ବସବାସ କରନ୍ତି । ଯେଉଁଠାରେ ସେ ପ୍ରତିଶତରୁ ଅଧିକ ଲୋକ ଗରିବ । ୨୦୮ ମିଲିଅନ ଲୋକ ଗରିବ, ସବୁଠାରୁ ଗରିବ ବିହାର ରାଜ୍ୟରେ ତାପଛକୁ ରହିଛି ଅତି ଗରିବ ଲୋକ ଉତ୍ତରପ୍ରଦେଶରେ ଓ ବାକି ସବୁ ଅନ୍ୟ ରାଜ୍ୟରେ । ଦାରିଦ୍ର୍ୟ ଅଧିକ ମାତ୍ରାରେ ହ୍ରାସ ପାଉଛି-ତଫସିଲଭୁକ୍ତ ଜନଜାତି ଓ ମୁସ୍‌ଲିମ୍ ସଂପ୍ରଦାୟରେ । ୨୦୦୫-୦୬ ମସିହାରେ ତଫସିଲଭୁକ୍ତ ଜାତି ଦାରିଦ୍ର୍ୟତା ଥିଲା ୦.୩୩୮ ପ୍ରତିଶତ, ୨୦୧୫-୧୬ରେ ଏହା ହ୍ରାସ ପାଇ ୦.୧୪୫ରେ ପହଞ୍ଚିଛି । ତଫସିଲଭୁକ୍ତ ଉପଜାତି କ୍ଷେତ୍ରରେ ୨୦୦୫-୦୬ରେ ଥିଲା ୦.୪୪୭ ପ୍ରତିଶତ ଓ ୨୦୧୫-୧୬ ମସିହାରେ ଏହା ହ୍ରାସ ପାଇ ୦.୨୨୯ରେ ପହଞ୍ଚିଛି । ପଛୁଆବର୍ଗ (ଓବିସି) କ୍ଷେତ୍ରରେ ୨୦୦୫-୦୬ରେ ଏହା ଥିଲା ୦.୨୯୧ ପ୍ରତିଶତ ଓ ୨୦୧୫-୧୬ରେ ଏହା ହ୍ରାସ ପାଇ ୦.୧୧୭ରେ ପହଞ୍ଚିଛି । ମୁସଲିମ୍ କ୍ଷେତ୍ରରେ ଦାରିଦ୍ର୍ୟ ସୀମାରେଖା ଥିଲା ୦.୩୩୧ ପ୍ରତିଶତ । ଏବେ ଏହା ହ୍ରାସ ପାଇ ୦.୧୪୪ରେ ପହଞ୍ଚିଛି ।

ଅପରପକ୍ଷେ ବିଶ୍ୱରେ ୧୩ ବିଲିଅନ ଜନସଂଖ୍ୟା ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି । ଏ ମଧ୍ୟରୁ ୧୧ ବିଲିଅନ୍ ଗ୍ରାମାଞ୍ଚଳରେ । ଗ୍ରାମାଞ୍ଚଳର ଜନସଂଖ୍ୟାର ଦାରିଦ୍ର୍ୟ ସହରାଞ୍ଚଳ ଜନସଂଖ୍ୟାରୁ ଚାରିଗୁଣ । ବିଶ୍ୱର ୪୬ ପ୍ରତିଶତ ହେଉଛନ୍ତି ଗରିବ ଓ ୫୦ ପ୍ରତିଶତ ହେଉଛନ୍ତି ଶିଶୁ । ୮୩ ପ୍ରତିଶତ ଗରିବ ଲୋକ ଲାଟିନ ଆମେରିକାରେ ବସବାସ କରିଥାନ୍ତି । ୧.୩ ବିଲିଅନ ଗରିବ ଲୋକ ବସବାସ କରିଥାନ୍ତି-ଲାଟିନ୍ ଆମେରିକା ଓ କାରାବିଆନରେ ୟୁରୋପ ଓ କେନ୍ଦ୍ର ଏସିଆରେ ପୂର୍ବ ଏସିଆ ଓ ପାସିଫିକ୍‌ରେ ଆରବ ରାଜ୍ୟରେ, ସବସାହାରା ଆଫ୍ରିକା ଓ ଦକ୍ଷିଣ ଏସିଆରେ । ଏମାନଙ୍କ ଦାରିଦ୍ର୍ୟ ଯଥାକ୍ରମେ ୩.୯ ପ୍ରତିଶତ, ୦.୩ ପ୍ରତିଶତ, ୮.୮ ପ୍ରତିଶତ, ୧୦ ପ୍ରତିଶତ, ୪୧.୬ ପ୍ରତିଶତ ଓ ୪୦.୬ ପ୍ରତିଶତ ।

Printed & Published by **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy**
E-mail : sambadkalikanews@gmail.com/sambadkalikaa@yahoo.com City Office : Plot No.354, Saheed Nagar
ସମ୍ପାଦକ : **ଜୟାଶୀଷ ରାୟ**